# D.A.V. PUBLIC SCHOOLS, BHUBANESWAR

## TERM- II EXAMINATION (2018-19)
## CLASS-V
## HIGHER ODIA

TIME : 2 HOURS MAXIMUM MARKS : 50

ସାଧାରଣ ନିର୍ଦ୍ଦେଶାବଳୀ

- ନିର୍ଦ୍ଦେଶ ଅନୁସାରେ ସମସ୍ତ ପ୍ରଶ୍ନର ଉତ୍ତର ଦିଅ ।
- ପ୍ରଶ୍ନ ପତ୍ରରେ ସମୁଦାୟ ୪ଟି ବିଭାଗ ଓ ୧୦ଟି ମୁଦ୍ରିତ ପ୍ରଶ୍ନ ରହିଛି ।
- ବିଭାଗର ନାମ ଲେଖିବା ସହିତ ବାମ ପାର୍ଶ୍ୱରେ ପ୍ରଶ୍ନଗୁଡ଼ିକର କ୍ରମିକ ସଂଖ୍ୟା ଲେଖ ।
- ସମସ୍ତ ଉତ୍ତର ଲେଖି ସାରିବା ପରେ ପୁନର୍ବାର ଯାଞ୍ଚ କର ।

### 'କ' ବିଭାଗ

୧. ନିମ୍ନ ଅନୁଚ୍ଛେଦଟିକୁ ପଢ଼ି ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ । (୫×୧=୫)

ଆବ୍ରାହମ ଲିଙ୍କନ୍ ଗୋଟିଏ ଗରିବ କୃଷକ ପରିବାରରେ ଜନ୍ମଗ୍ରହଣ କରିଥିଲେ । ପିଲାଦିନୁ ତାଙ୍କ ଜୀବନ ବହୁତ ଦୁଃଖ କଷ୍ଟରେ କଟିଥିଲା । ମାତ୍ର ଷୋହଳ ବର୍ଷ ବୟସରୁ ସେ ଜଙ୍ଗଲରୁ କାଠ କାଟି ପେଟ ପୋଷୁଥିଲେ । ବହି ପଢ଼ିବା ପ୍ରତି ତାଙ୍କର ବହୁତ ଆଗ୍ରହ ଥିଲା । କିନ୍ତୁ ବହି କିଣି ପଢ଼ିବା ପାଇଁ ତାଙ୍କ ପାଖରେ ପଇସା ନ ଥିଲା । ଆମେରିକାର ପ୍ରଥମ ରାଷ୍ଟ୍ରପତି ଜର୍ଜୱାଶିଂଟନ୍‌ଙ୍କ ଜୀବନୀ ପଢ଼ିବା ପାଇଁ ତାଙ୍କ ମନରେ ବହୁତ ଦିନରୁ ଇଚ୍ଛା ଥିଲା । ତାଙ୍କ ପଡ଼ୋଶୀଙ୍କ ଘରେ ସେହି ପୁସ୍ତକ ଥିବାର ଜାଣି ସେ ତାଙ୍କୁ ବହିଟି ମାଗିଥିଲେ । ପଡ଼ୋଶୀ ଜଣଙ୍କ ବିନା ପ୍ରତିବାଦରେ ବହିଟି ତାଙ୍କୁ ଦେଇଥିଲେ । ସେ ବହିଟିକୁ ଶୀଘ୍ର ଫେରେଇବେ ବୋଲି କଥା ଦେଇଥିଲେ । ଦିନରାତି ଲାଗି ବହିଟିକୁ ପଢ଼ି ଶେଷ କରି ତା' ପରଦିନ ସକାଳୁ ଫେରେଇ ଦେବେ ବୋଲି ଭାବି ବହିଟିକୁ ଟେବୁଲ୍‌ରେ ରଖି ଦେଇଥିଲେ । କିନ୍ତୁ ରାତିରେ ପ୍ରବଳ ବର୍ଷା ଓ ପବନ ହେବା ଯୋଗୁଁ ତାଙ୍କ କୁଡ଼ିଆ ଘର ଭାଙ୍ଗିଗଲା । ଘରର ସବୁ ଜିନିଷ ସହିତ ବହିଟି ମଧ୍ୟ ଭାସିଗଲା । ସେ ତାଙ୍କ ଘରକୁ ଯାଇ ଅତି ସଙ୍କୋଚରେ ସବୁ ସତ କଥା କହିଥିଲେ । ପଡ଼ୋଶୀଜଣଙ୍କ ଲିଙ୍କନ୍‌ଙ୍କୁ ପରୀକ୍ଷା କରିବା ପାଇଁ କହିଲେ ଯେ ତୁମେ ଦୁଇଓଳି ଦୁଇମୁଠା ଭଲ କରି ଖାଇବାକୁ ପାଉନାହଁ ତେବେ ବହି କିଣିବା ପାଇଁ ପଇସା ଆଣିବ କେଉଁଠୁ ? ଆପଣଙ୍କ ଜମିରେ ଖଟି ବହିର ପଇସା ଶୁଝିପାରିବି ବୋଲି ଲିଙ୍କନ୍ ତାଙ୍କୁ ଅନୁମତି ମାଗିଲେ । ସେ ପଡ଼ୋଶୀଙ୍କ ଜମିରେ ପରିଶ୍ରମକରି ପଇସା ସଂଗ୍ରହକରି ବହିଟିକୁ ଫେରାଇଦେଲେ । ପଡ଼ୋଶୀଜଣଙ୍କ ପିଲାଟିର ପଢ଼ିବାର ନିଶା ଦେଖି ଖୁସି ହୋଇ ତାଙ୍କ ଘରେ ଏକ ପାଠାଗାର ଖୋଲିଦେଲେ । ନିଜର କଠିନ ପରିଶ୍ରମ ଓ ଦକ୍ଷତା ବଳରେ ସେ ଦିନେ ଆମେରିକାର ରାଷ୍ଟ୍ରପତି ହୋଇପାରିଥିଲେ ।

(କ) ଆବ୍ରାହମ ଲିଙ୍କନ୍ କେଉଁ ପରିବାରରେ ଜନ୍ମଗ୍ରହଣ କରିଥିଲେ ?

(ଖ) ପ୍ରବଳ ବର୍ଷା ଯୋଗୁଁ ତାଙ୍କର କି କ୍ଷତି ହେଲା ?

(ଗ) ଆବ୍ରାହମ୍ ବହିର ପଇସା କିପରି ଶୁଝିଲେ ?

(ଘ) ପଡ଼ୋଶୀଜଣଙ୍କ ଲିଙ୍କନ୍‌ଙ୍କ ଉପରେ ଖୁସିହୋଇ କ'ଣ କଲେ ?

(ଙ) କଠିନ ପରିଶ୍ରମ ଓ ଦକ୍ଷତା ବଳରେ ସେ କେଉଁ ପଦବୀ ହାସଲ କରିଥିଲେ ?

୨. ନିମ୍ନରେ ଦିଆଯାଇଥିବା କବିତାଟିକୁ ପଢ଼ି ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ । (୩×୧=୩)

ପୁରୀ ଜିଲ୍ଲା ଶ୍ରୀରାମଚନ୍ଦ୍ରପୁରେ
ପଣ୍ଡିତ ନୀଳକଣ୍ଠ ଜନମିଲେ,
ଉତ୍କଳବାସୀମାନଙ୍କ ପାଇଁ
ଜ୍ଞାନଗୁରୁ ରୂପେ ପରିଚିତ ହେଲେ ॥

ବନବିଦ୍ୟାଳୟ ମନ୍ଦିର ତୋଳି
ଉତ୍କଳମଣିଙ୍କ ସହ ହାତ ମିଳାଇ,
ଜାତି, ଧର୍ମ, ବର୍ଣ୍ଣ ସଭିଏଁ ସମାନ
ଏ ଶିକ୍ଷା ଛାତ୍ରଙ୍କୁ ଦେଲେ ଶିଖାଇ ॥

(କ) ନୀଳକଣ୍ଠ କେଉଁଠାରେ ଜନ୍ମଗ୍ରହଣ କରିଥିଲେ ?

(ଖ) ବନବିଦ୍ୟାଳୟ ମନ୍ଦିର ତୋଳିବା ପାଇଁ ସେ କାହା ସହିତ ହାତ ମିଳାଇଥିଲେ ?

(ଗ) ସେଠାରେ ଛାତ୍ରମାନେ କି ଶିକ୍ଷା ଲାଭ କରୁଥିଲେ ?

## 'ଖ'-ବିଭାଗ

୩. ଯେକୌଣସି ଗୋଟିଏ ବିଷୟରେ ଅନୁଚ୍ଛେଦ ଲେଖ । (୧×୫=୫)

ତୁମ ଜୀବନର ଲକ୍ଷ୍ୟ, ସମୟର ସଦୁପଯୋଗ, ବିଜ୍ଞାନର ଉପକାରିତା

୪. ମିଳିମିଳା ରୋଗର ପ୍ରତିଷେଧକ ପାଇଁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗୀୟ ଅଧିକାରୀଙ୍କ ନିକଟକୁ ଦରଖାସ୍ତ ଲେଖ ।

କିମ୍ବା (୧×୫=୫)

ଆଗାମୀ ପରୀକ୍ଷା ପାଇଁ ନିଜକୁ କିପରି ପ୍ରସ୍ତୁତ କରୁଛ ବର୍ଣ୍ଣନା କରି ବଡ଼ଭାଇଙ୍କ ନିକଟକୁ ପତ୍ର ଲେଖ ।

## 'ଗ' ବିଭାଗ

୫.(କ) ବନ୍ଧନୀ ମଧ୍ୟରୁ ଠିକ୍ ଉତ୍ତରଟି ବାଛି ବିପରୀତାର୍ଥବୋଧକ ଶବ୍ଦ ଲେଖ । (୩×୧=୩)

- ସରଳ – (କଠିନ, ଜଟିଳ, ଜଟିଳତା, ତରଳ )
- ଲାଭ – (ଶୁଭ, ଅଶୁଭ, କ୍ଷତି, ଅହିତ )
- ସାଧୁ – (ଜ୍ଞାନୀ, ଗୁଣୀ, ଅସାଧୁ, ଅସତ୍)

(ଖ) ବନ୍ଧନୀ ମଧ୍ୟରୁ ଠିକ୍ ଉତ୍ତରଟି ବାଛି ଶବ୍ଦ ଗୁଡ଼ିକର ପ୍ରତିଶବ୍ଦ ଲେଖ । (୩×୧=୩)

- ତପନ – (ଚନ୍ଦ୍ର, ତାରା, ସୂର୍ଯ୍ୟ, ମେଘ)
- ପାରାବାର – (ନଦୀ, ପୋଖରୀ, ଝରଣା, ସମୁଦ୍ର)
- କମଳ – (ଗୋଲାପ, ପଦ୍ମ, କଇଁ, ମନ୍ଦାର)

(ଗ) ଏକ ପଦରେ ପ୍ରକାଶ କର । (୩×୧=୩)

- ଯେ ସିଦ୍ଧି ଦେଇଥାଆନ୍ତି –
- ଭାଇପଣିଆ –
- ଋଷି ନହୋଇ ମଧ୍ୟ ଯିଏ ଋଷିଙ୍କ ଭଳି ଜଣା ପଡ଼ନ୍ତି –

(ଘ) ନିମ୍ନରେ ଦିଆଯାଇଥିବା ବାକ୍ୟଗୁଡ଼ିକ ଶେଷରେ ଉପଯୁକ୍ତ ଚିହ୍ନ ଦିଅ । (୩×୧=୩)

- ପବନର କଣ୍ଠରୋଧ ହୋଇ ଆସିଲା
- ଡ୍ରୋଡ଼ୋର ବିଚ୍ଛେଦରେ କାଲ୍‌ଭେରିଆ ବାହୁନୁଛି କାହିଁକି
- ଧିକ୍ ଆମର ବିବେକ

(ଙ) ଗଦ୍ୟ ରୂପ ଲେଖ । (୩×୧=୩)

ସରଗ, ମୁକତି, ଆଦରଶ

## 'ଘ' ବିଭାଗ

୬. (କ) ଶବ୍ଦଗୁଡ଼ିକର ଅର୍ଥ ଲେଖ । (୪×୧/୨=୨)

ତିମିର, ସଙ୍କୋଚ, ପ୍ରତିବାଦ, ସଂକଳ୍ପ

(ଖ) ବାକ୍ୟ ଗଠନ କର । (୨×୧=୨)

ଦୟାମୟ, ଗ୍ରାମବାସୀ, ସୌନ୍ଦର୍ଯ୍ୟମୟ

୭. ନିମ୍ନରେ ଦିଆଯାଇଥିବା ଯେକୌଣସି ଗୋଟିଏ ବିଷୟରେ ସରଳାର୍ଥ ଲେଖ । (୧×୪=୪)

ମଣିମୁକ୍ତାର ଝଲକରୁ ବଳି
ଶୁଖିଲା ଅଧର ହସ ,
ସେ ହସରୁ ଝରେ ସରଗ ସୁଷମା
ଦେବତା ହୁଅନ୍ତି ବଶ ।

କିମ୍ବା

ଆଶ୍ରିତ ଜନ ରକ୍ଷା ପାଇଁ
ଦଳପତି ସିନା ସାଜିଛି ମୁହିଁ ।

୮. ନିମ୍ନରେ ଦିଆଯାଇଥିବା ଯେକୌଣସି ୪ଟି ପ୍ରଶ୍ନର ଉତ୍ତର ଲେଖ । (୪×୧=୪)

(କ) ଡ଼ୋଡ଼ୋ ପକ୍ଷୀଟି ଦେଖିବାକୁ କିପରି ?

(ଖ) 'ଦରଖାସ୍ତ ଜୁଡିଆନ୍' କି ପ୍ରକାର ଲେଖା ଥିଲା ?

(ଗ) କପୋତଦଳ କି ଅସୁବିଧାରେ ପଡ଼ିଥିଲେ ?

(ଘ) ଲକ୍ଷ୍ମଣଙ୍କ ସ୍ୱଭାବ କିପରି ଥିଲା ?

(ଙ) ହିମାଳୟକୁ ଭାରତର ମୁକୁଟ ବୋଲି କୁହାଯିବାର କାରଣ କ'ଣ ?

(ଚ) ଭାରତରେ ତିଆରି ରୋବୋଟ୍‌ର ନାମ କ'ଣ ?

୯. ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ଲେଖ । (୧×୩=୩)

ମାଟି ମାଆକୁ ରକ୍ଷା କରିବାକୁ ଯାଇ ଫାଶୀ ପାଇଥିବା ସ୍ୱାଧୀନତା ସଂଗ୍ରାମୀଙ୍କ ଜୀବନୀ ତୁମକୁ କେଉଁ ଶିକ୍ଷା ଦେଇଥାଏ ?

କିମ୍ବା

ଆମେ ଭାରତୀୟ ବୋଲି କାହିଁକି ଗର୍ବ ଅନୁଭବ କରୁ ?

୧୦. ଯେକୌଣସି ଗୋଟିଏ ମୂଲ୍ୟବୋଧଭିତ୍ତିକ ପ୍ରଶ୍ନର ଉତ୍ତର ଲେଖ । (୧×୨=୨)

ଗୋପବନ୍ଧୁ ଅନନ୍ତଙ୍କ ଠାରୁ ନେଇଥିବା ଟଙ୍କା କାହିଁକି ଫେରାଇ ନଥିଲେ ? ତାଙ୍କର ଏପରି ମନୋବୃତ୍ତିରୁ ତୁମେ କେଉଁ ଶିକ୍ଷା ଲାଭ କଲ ?

କିମ୍ବା

ପ୍ୟାରୀମୋହନ ସରକାରୀ ନିୟନ୍ତ୍ରଣରୁ ମୁକ୍ତ ଏକ ସ୍ୱାଧୀନ ଶିକ୍ଷାନୁଷ୍ଠାନ ଗଠନ କରିବା ପାଇଁ କାହିଁକି ସଂକଳ୍ପ କରିଥିଲେ ? ତାଙ୍କର ଏପରି ଚିନ୍ତାଧାରାରୁ ତୁମେ କ'ଣ ଶିଖିଲ ?